# NATIONAL NEWS BULLETIN (ODIA)

## 19 September - 2025

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ଛାତ୍ରଛାତ୍ରୀମାନେ ହେଉଛନ୍ତି ସମୃଦ୍ଧ ଭାରତ ଓ ବିକଶିତ ଭାରତର ମୂଳଦୁଆ, କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।
- ଆସନ୍ତା ସୋମବାର ଲାଗୁ ହେବ ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ।
- ସଶକ୍ତ ଭାରତ ଗଠନ ଦିଗରେ ଗତ ୧୧ ବର୍ଷରେ ଦେଶର ମହିଳାଙ୍କୁ ସୁଦୃଢ଼ କରିଛନ୍ତି ସରକାର ।
- ଜି.ଏସ୍.ଟି. ହ୍ରାସ ପରେ ପରବର୍ତ୍ତିତ ଦର ପ୍ରଦର୍ଶନ ଲାଗି ନିର୍ଦ୍ଦେଶ ଦେଲା ବିଭାଗୀୟ ମନ୍ତ୍ରଣାଳୟ ।

ଏବଂ

- ଏସିଆକପ୍ ଟି-ଟ୍ୱେଣ୍ଟି କ୍ରିକେଟ୍‌ରେ ଆଫ୍‌ଗାନିସ୍ତାନକୁ ପରାସ୍ତ କରି ସୁପର୍ ଫୋର୍ ପର୍ଯ୍ୟାୟରେ ପହଞ୍ଚିଲା ଶ୍ରୀଲଙ୍କା ।

– ଆଜି ରାତି ୮ଟାରେ ଭାରତ-ଓମାନ୍ ମଧ୍ୟରେ ହେବ ମୁକାବିଲା ।

# ଧର୍ମେନ୍ଦ୍ର-ଏନ୍‌ଇପି ୨୦୨୦

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶର ବିଦ୍ୟାଳୟ ଶିକ୍ଷାରେ ନୂଆ ଶିକ୍ଷାନୀତି ୨୦୨୦ର କାର୍ଯ୍ୟକାରିତା ନେଇ ସମୀକ୍ଷା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ପ୍ରଧାନ କହିଛନ୍ତି, ଦେଶର ଶିକ୍ଷା ବ୍ୟବସ୍ଥାକୁ ଆଧୁନିକ କରିବା ସହ ତାହା ଯେଭଳି ଆନନ୍ଦପୂର୍ଣ୍ଣ ଓ ଶିକ୍ଷାର୍ଥୀ କୈନ୍ଦ୍ରିକ ହୋଇପାରିବ ସେ କ୍ଷେତ୍ରରେ ମନ୍ତ୍ରଣାଳୟ ପଦକ୍ଷେପ ଗ୍ରହଣ କରୁଛି । ସେ କହିଛନ୍ତି, ଦେଶର ଛାତ୍ରଛାତ୍ରୀମାନଙ୍କୁ ଯେଭଳି ବିଶ୍ୱସ୍ତରୀୟ ଶିକ୍ଷା ପ୍ରଦାନ କରାଯିବ ସେ ନେଇ ଶିକ୍ଷା ମନ୍ତ୍ରଣାଳୟ ପ୍ରତିବଦ୍ଧ । ଶ୍ରୀ ପ୍ରଧାନ କହିଛନ୍ତି, ସମୃଦ୍ଧ ଭାରତ ଏବଂ ବିକଶିତ ଭାରତର ଛାତ୍ରଛାତ୍ରୀମାନେ ହେଉଛନ୍ତି ମୂଳଦୁଆ । ତେଣୁ ନୂଆ ଜାତୀୟ ଶିକ୍ଷାନୀତି ୨୦୨୦ରୁ ଯେଭଳି ସେମାନେ ସୁଫଳ ପାଇପାରିବେ ତାହା ଆମ ପାଇଁ ଏକ ଆହ୍ୱାନ ।

# ଜିଏସ୍‌ଟି-ଅଟୋ

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ପରେ ଦେଶର ସମସ୍ତ କ୍ଷେତ୍ରରେ ଉତ୍ସାହ ଦେଖାଦେଇଛି । ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ନିବେଶକ ପର୍ଯ୍ୟନ୍ତ ଏବଂ ଶ୍ରମିକଠାରୁ ବୃହତ୍ ଶିଳ୍ପ ପତି ପର୍ଯ୍ୟନ୍ତ ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜି.ଏସ୍.ଟି. ସଂସ୍କାରକୁ ସ୍ୱାଗତ କରୁଛନ୍ତି ।

ଗତମାସ ୧୫ ତାରିଖରେ ଦିଲ୍ଲୀର ଲାଲକିଲ୍ଲାରୁ ଶ୍ରୀ ମୋଦି ଦୀପାବଳି ପୂର୍ବରୁ ଦେଶବାସୀଙ୍କୁ ଜି.ଏସ୍.ଟି. ସଂସ୍କାରସ୍ୱରୂପ ଉପହାର ସମ୍ପର୍କରେ ଘୋଷଣା କରିଥିଲେ । ଜି.ଏସ୍.ଟି. ପରିଷଦ ଗତ ୩ ତାରିଖରେ ଅନୁଷ୍ଠିତ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ବାସ୍ତବତାରେ ରୂପାନ୍ତର କରିଛି । ଜି.ଏସ୍.ଟି. ଟିକସ ହାର ପୂର୍ବରୁ ୫ ଥାକିଆ ଥିବାବେଳେ ଏହାକୁ ପରିବର୍ତ୍ତନ କରାଯାଇ କେବଳ ୫ ଓ ୧୮ ପ୍ରତିଶତ ଅର୍ଥାତ୍ ୨ ଥାକିଆ କରାଯାଇଛି । ଫଳରେ ଦୈନନ୍ଦିନ ସାମଗ୍ରୀ ଉପରୁ ଟିକସ ହାର ବହୁ ପରିମାଣରେ ହ୍ରାସ ପାଇବା ଫଳରେ ଜନସାଧାରଣଙ୍କ ଜୀବନଧାରଣର ମାନ ଉନ୍ନତ ହେବ ବୋଲି କୁହାଯାଇଛି । ଆସନ୍ତା ସୋମବାର ଠାରୁ ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଲାଗୁ ହେବ ।

ଜି.ଏସ୍.ଟି. ସଂସ୍କାରରେ କେନ୍ଦ୍ର ସରକାର ଅଟୋ ମୋବାଇଲ୍ ଶିଳ୍ପରେ ବ୍ୟାପକ ପରିବର୍ତ୍ତନ କରିଛନ୍ତି । ଜି.ଏସ୍.ଟି. ପରିଷଦ ଦୁଇ ଚକିଆ ଯାନ ଏବଂ ଛୋଟ କାର ଉପରେ ଟିକସ ହ୍ରାସ କରିଛନ୍ତି । ୩୫୦ ସି.ସି. ବିଶିଷ୍ଟ ଦୁଇ ଚକିଆ ଯାନ ଉପରେ ଟିକସ ହାର ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି । ଯାହା ନିମ୍ନ ମଧ୍ୟବିତ୍ତ ପରିବାର, ଯୁବପିଢ଼ି ଏବଂ ପ୍ରତ୍ୟହ ଦୁଇ ଚକିଆ ଯାନ ଉପରେ ନିର୍ଭର କରି ଗୁଜୁରାଣ ମେଣ୍ଟାଉଥିବା ଲୋକମାନଙ୍କ ପାଇଁ ସୁବିଧା ଯୋଗାଇଦେବ । ସେହିପରି ଛୋଟ କାର ଉପରେ ଜି.ଏସ୍.ଟି. ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ

କରାଯାଇଛି । ନିମ୍ନ ମଧ୍ୟବିତ୍ତ ପରିବାର ଗୁଡ଼ିକୁ ଏହି ଟିକସ ହ୍ରାସ କାର୍ କିଣିବା ପାଇଁ ସୁଯୋଗ ପ୍ରଦାନ କରିବ ।

ଅନ୍ୟ ପକ୍ଷରେ ଜି.ଏସ୍.ଟି. ହ୍ରାସ ପାଇବା ଫଳରେ ବିନିର୍ମାଣ, ବିକ୍ରୟ, ସେବା ଏବଂ ଆର୍ଥିକ କ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଦେଶ ବିକାଶରେ ମଧ୍ୟ ସହାୟକ ହେବ ।

## ସେବା ପର୍ବ – ମହିଳା ସଶକ୍ତିକରଣ

ଦେଶର ମହିଳାମାନେ ଏବେ ହୋଇଛନ୍ତି ସ୍ୱାବଲମ୍ବି । ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ ।

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ଅହରହ ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାର କିଭଳି ଦେଶରେ ମହିଳାମାନଙ୍କ ସଶକ୍ତିକରଣ ଲାଗି ପଦକ୍ଷେପ ଗ୍ରହଣ କରିଛନ୍ତି ।

ଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ପଦକ୍ଷେପ ଏବଂ ଦୃଢ଼ ନୀତି ଜରିଆରେ ଦେଶର ମହିଳାମାନଙ୍କୁ ସାମାଜିକ, ଅର୍ଥନୈତିକ, ରାଜନୈତିକ ଏବଂ ଆଇନ୍‌ଗତ କ୍ଷେତ୍ରରେ ଦୃଢ଼ କରିବା ଲାଗି ଅନେକ

ଯୋଜନା ପ୍ରଣୟନ କରିଛନ୍ତି । ଏବେ ନାରୀଶକ୍ତି ଏକ ରାଷ୍ଟ୍ରୀୟ ଅଭିଯାନରେ ପରିଣତ ହୋଇଛି, ଯାହା ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ଯାଏଁ ଏବଂ ଯୁବତୀଙ୍କଠାରୁ ଆରମ୍ଭ କରି ବୃଦ୍ଧାଙ୍କ ପର୍ଯ୍ୟନ୍ତ ସମ୍ମାନ, ସୁରକ୍ଷା ଏବଂ ଆତ୍ମନିର୍ଭର ହୋଇ ବଞ୍ଚିବା ନିମନ୍ତେ ବାଟ ଦେଖାଇଛି । ସାମ୍ବିଧାନିକ ଉତ୍ତରଦାୟିତ୍ୱ ମଧ୍ୟରେ ଆଇନ୍ ପ୍ରଣୟନ କରି ମହିଳାମାନଙ୍କୁ ହିଂସା ଏବଂ ବିଦ୍ୱେଷରୁ ସୁରକ୍ଷା ଦେବା ଏବଂ ସେମାନଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ଲାଗି ଦୃଢ଼ ନିୟମ ପ୍ରଣୟନ କରାଯାଇଛି । ଗତ ବର୍ଷ ଡିସେମ୍ବର ମାସରେ ହରିଆଣାରେ ବୀମା ଶକ୍ତି ଯୋଜନାର ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ–

***Voice (PM - Women)*** :...........

ଅନ୍ୟ ଏକ ପ୍ରମୁଖ ପଦକ୍ଷେପ ଭାବରେ ବେଟି ବଚାଓ ବେଟି ପଢ଼ାଓ ଯୋଜନା ରାଷ୍ଟ୍ରୀୟ ସ୍ତରରେ କନ୍ୟା ସନ୍ତାନଙ୍କ ସଂଖ୍ୟା ବୃଦ୍ଧି ଦିଗରେ ଏକ ବିରାଟ ପଦକ୍ଷେପ ଭାବେ ସାବ୍ୟସ୍ତ ହୋଇଛି । ୨୦୧୪–୧୫ରେ ଦେଶରେ ହଜାର ପୁରୁଷଙ୍କ ତୁଳନାରେ ୯୧୮ ଜଣ ମହିଳା ଥିବା ବେଳେ ୨୦୨୩–୨୪ରେ ଏହି ସଂଖ୍ୟା ୯୩୦କୁ ବୃଦ୍ଧି ପାଇଛି । ୨୦୧୫ ଜାନୁଆରୀରେ ଆରମ୍ଭ ହୋଇଥିବା ସୁକନ୍ୟା ସମୃଦ୍ଧି ଯୋଜନା ଦେଶର କୋଟି କୋଟି ମହିଳାଙ୍କ ପାଇଁ ସଶକ୍ତିକରଣର ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହୋଇଛି । ଇତିମଧ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ବିଭିନ୍ନ ଯୋଜନାରେ ବର୍ଷକୁ ଅନ୍ୟୂନ ୧ ଲକ୍ଷ ଟଙ୍କା ଆୟ କରିବା ଲାଗି ସରକାରଙ୍କ ପକ୍ଷରୁ ଲକ୍ଷ୍ୟପତି ଦିଦି ଯୋଜନା ଆରମ୍ଭ କରାଯାଇଛି । ଜାମ୍ମୁ

କାଶ୍ମୀରର ଜଣେ ମହିଳା ଶବନମ କାଦିର୍ କିଭଳି ଭାବେ ସରକାରୀ ଯୋଜନାକୁ ଉପଯୋଗ କରି ନିଜେ ସ୍ୱୟଂ ସମ୍ପନ୍ନ ହେବା ସହ ଅନ୍ୟମାନଙ୍କୁ ବଞ୍ଚିବାର ବାଟ ଦେଖାଇଛନ୍ତି ସେ ବିଷୟରେ ସେ କହିଛନ୍ତି–

***Voice (Shabnam Quadir)*** :...........

ତୃଣମୂଳ ସ୍ତରରୁ ଗତ ୧୧ ବର୍ଷରେ କେନ୍ଦ୍ରର ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ମହିଳାମାନଙ୍କୁ ପ୍ରତ୍ୟେକଟି କ୍ଷେତ୍ରରେ ବିଶେଷ କରି ପ୍ରତିରକ୍ଷା ଏବଂ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ମଧ୍ୟ ଅନ୍ତର୍ଭୁକ୍ତି ନେଇ ଦୃଢ଼ ପଦକ୍ଷେପ ନେଇଛନ୍ତି । ଯାହାଫଳରେ ଭାରତର ମହିଳା ଏବେ କେବଳ ସୁଦୃଢ଼ ହୋଇନାହିଁ ବରଂ ସକ୍ଷମ ହୋଇପାରିଛି ।

**Seba Parba Closing**

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସରିତା ସାହୁ ।

# ଜିଏସ୍‌ଟି ଆଡ୍‌ଭାଇଜରି

ଆସନ୍ତା ସୋମବାର ସେପ୍ଟେମ୍ବର ୨୨ ତାରିଖ ଠାରୁ ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଲାଗୁ ହେବାକୁ ଥିବାରୁ କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ଯୋଗାଣ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶବଳୀ ପ୍ରକାଶ ପାଇଛି । ଏଥିରେ ନିର୍ମାତା, ପ୍ୟାକିଂ କରୁଥିବା ପ୍ରତିଷ୍ଠାନ ଏବଂ ଆମଦାନୀକାରୀଙ୍କୁ ସାମଗ୍ରୀ ଉପରେ ପରିବର୍ତ୍ତିତ ଦର ଦର୍ଶାଉଥିବା ଅଲଗା ଲେବୁଲ୍ ଲଗାଇବା ପାଇଁ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି । ତେବେ ପୂର୍ବରୁ

ସାମଗ୍ରୀ ଉପରେ ଦିଆଯାଇଥିବା ପ୍ରାଇସ୍ ଟ୍ୟାଗ୍‌କୁ ନଷ୍ଟ ନ କରିବାକୁ ମନ୍ତ୍ରଣାଳୟ କହିଛି । ତେବେ ଆସନ୍ତା ବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ପୂର୍ବରୁ ଉତ୍ପାଦନ ଓ ପ୍ରସ୍ତୁତ ହୋଇଥିବା ସାମଗ୍ରୀ ଗୁଡ଼ିକୁ ପୁରୁଣା ଖୋଳରେ ପ୍ୟାକିଂ କରାଯାଇପାରିବ । ମନ୍ତ୍ରଣାଳୟ କହିଛି, ନିର୍ମାତାମାନେ ଆଉଥରେ ଷ୍ଟିକରିଂ ନ କରି ଅନ୍ୟ ଉପାୟରେ ମଧ୍ୟ ପରିବର୍ତ୍ତିତ ଦର ଦର୍ଶାଇପାରିବେ ।

ଅନ୍ୟ ପକ୍ଷରେ କେନ୍ଦ୍ର ସରକାର ପରିବର୍ତ୍ତିତ ଜି.ଏସ୍.ଟି. ଦର ସମ୍ପର୍କରେ ବିଭିନ୍ନ ଇଲେକ୍ଟ୍ରୋନିକ୍, ଛାପା ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଜରିଆରେ ଜନସଚେତନତା ସୃଷ୍ଟି କରିବେ । ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଉପଭୋକ୍ତାମାନେ ଯେଭଳି ପରିବର୍ତ୍ତିତ ଦରର ଲାଭ ପାଇପାରିବେ ସେ ଦିଗରେ କମ୍ପାନୀ ଗୁଡ଼ିକ ସମସ୍ତ ପଦକ୍ଷେପ ଗ୍ରହଣ କରିବେ ।

## ଡିଜିସିଏ-ଚାର୍‌ଧାମ୍

ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ପକ୍ଷରୁ ଚାର୍‌ଧାମ୍ ଯାତ୍ରା ଲାଗି ହେଲିକପ୍ଟର ବ୍ୟବହାରକୁ ଅନୁମତି ଦେଇଛନ୍ତି । ମୌସୁମୀ ଋତୁ ପରେ ଚାର୍‌ଧାମ୍ ଯାତ୍ରା ଲାଗି ହେଲିକପ୍ଟର ବ୍ୟବହାର କରାଯାଇପାରିବ । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଚାର୍‌ଧାମ୍ ଯାତ୍ରାରେ ହେଲିକପ୍ଟର ବ୍ୟବହାର ନେଇ କଡ଼ା ପରୀକ୍ଷାନିରୀକ୍ଷା କରାଯିବ । ବିଭାଗୀୟ ମନ୍ତ୍ରୀ

ରାମମୋହନ ନାଇଡୁ ଡେରାଡୁନ୍ ଠାରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଏବଂ ନିର୍ଦ୍ଦେଶାଳୟର ମହାନିର୍ଦ୍ଦେଶକ ଓ ରାଜ୍ୟ ସରକାରଙ୍କ ପ୍ରମୁଖ ବରିଷ୍ଠ ଅଧିକାରୀମାନଙ୍କ ସହ ଅନେକଥର ଆଲୋଚନା ପରେ ଚାର୍ଧାମ୍ ଯାତ୍ରାରେ ହେଲିକପ୍ଟର ବ୍ୟବହାର ପ୍ରସଙ୍ଗରେ ଅନୁମତି ପ୍ରଦାନ କରାଯାଇଛି । ଏହା ପୂର୍ବରୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ହେଲିପ୍ୟାଡ୍, ହେଲିକପ୍ଟର ଏବଂ ଏହାର ପରିଚାଳନା କରୁଥିବା ସଂସ୍ଥା ଗୁଡ଼ିକର ଟିକିନିଖି ତଦନ୍ତ କରାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଅତ୍ୟନ୍ତ ଉଚ୍ଚତାରେ ଉତ୍ତରାଖଣ୍ଡର ଅପହଞ୍ଚ ଇଲାକାରେ ତୀର୍ଥଯାତ୍ରୀମାନଙ୍କୁ ନେବାଆଣିବା ଲାଗି ଯେଉଁଲି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ପାଳନ କରାଯାଇପାରିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯାଉଛି । ମନ୍ତ୍ରଣାଳୟ ପକ୍ଷରୁ ଏହିସବୁ କାର୍ଯ୍ୟ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା କୁହାଯାଇଛି ।

## କ୍ରିକେଟ୍ ଏସିଆକପ୍

ଏସିଆକପ୍ ଟି-ଟ୍ୱେଣ୍ଟି କ୍ରିକେଟ୍‌ରେ ଗତକାଲି ଆବୁଧାବିରେ ଅନୁଷ୍ଠିତ ମ୍ୟାଚ୍‌ରେ ଶ୍ରୀଲଙ୍କା ୬ ଓ୍ୱିକେଟ୍‌ରେ ଆଫ୍‌ଗାନିସ୍ତାନକୁ ପରାସ୍ତ କରି ସୁପର୍ ଫୋର୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛି । ୧୭୦ରନ୍‌ର ପିଛା କରି ଶ୍ରୀଲଙ୍କା ୮ଟି ବଲ୍ ବାକିଥାଇ ୬ ଓ୍ୱିକେଟ୍ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ପ୍ରଥମେ ବ୍ୟାଟିଂ କରି ଆଫ୍‌ଗାନିସ୍ତାନ ନିର୍ଦ୍ଧାରିତ ୨୦

ଓଭରରେ ୮ ୱିକେଟ୍ ବିନିମୟରେ ୧୬୯ରନ୍ ସ୍କୋର କରିଥିଲା । କୁଶଲ ମେଣ୍ଡିଜ୍ ଅପରାଜିତ ୫୨ଟି ବଲ୍‌ରେ ୭୪ରନ୍ ସ୍କୋର କରିଥିବା ବେଳେ ନୁଆନ୍ ଥୁସାରା ୪ଟି ୱିକେଟ୍ ନେଇଥିଲେ ।

ଏହି ବିଜୟ ସହିତ ଗ୍ରୁପ୍-ବିରେ ଶ୍ରୀଲଙ୍କା ଶୀର୍ଷରେ ରହିଥିବା ବେଳେ ତିନୋଟି ମ୍ୟାଚ୍‌ରୁ ଦୁଇଟିରେ ବିଜୟ ହାସଲ କରି ବାଂଲାଦେଶ ସୁପର୍ ଫୋର୍ ପର୍ଯ୍ୟାୟରେ ପହଞ୍ଚିଛି । ଆଜି ଭାରତୀୟ ସମୟ ରାତି ୮ଟାରେ ଗ୍ରୁପ୍–ଏର ଏକ ମ୍ୟାଚ୍‌ରେ ଶେଖ୍ ଜାୟଦ୍ ଷ୍ଟାଡିୟମ୍‌ରେ ଭାରତ ଏବଂ ଓମାନ୍ ମଧ୍ୟରେ ମୁକାବିଲା ହେବ ।